## କାହାଣୀ-୨

ମାଣିଆଁବନ୍ଧ ପଶୁଚିକିତ୍ସାଳୟ ଅଧିନସ୍ଥ ଆଉ ଏକ ଗ୍ରାମ-'ମହୁଲିଆ' । ସେହି ଗ୍ରାମର ବାସିନ୍ଦା ଶ୍ରୀ ନିର୍ମଳ କୁମାର ଦାଶ । ନୂଆପାଟଣାର ଜଗନ୍ନାଥ ସୂତାକଳରେ ସେ ଜଣେ ସ୍ୱଳ୍ପ ବେତନଭୋଗୀ ସୁରକ୍ଷାକର୍ମୀ । ଅନିୟମିତ ଦରମାରେ ଛ' ପ୍ରାଣୀ କୁଟୁମ୍ବ ପୋଷିବା କଷ୍ଟକର । ସେଥିପାଇଁ ନିର୍ମଳଙ୍କ ମନକୁ ଏକ ଉପାୟ ମିଳିଗଲା । ତାଙ୍କର ଦେଶୀ ଗାଈଟିକୁ ଛଅ ବର୍ଷ ତଳେ ସେ କୃତ୍ରିମ ପ୍ରଜନନ କରାଇଲେ । ଭାଗ୍ୟକୁ ଏକ ମାଈ ଶଙ୍କର ଜର୍ସୀ ବାଛୁରୀ ଜନ୍ମ ହେଲା । ସେଇଠୁ ଆରମ୍ଭ ହେଲା ନିର୍ମଳଙ୍କ ଜୟଯାତ୍ରା । ଏବେ ନିର୍ମଳଙ୍କ ପାଖରେ ଦୁଇଟି ଶଙ୍କର ଜର୍ସୀ ଗାଈ । ପ୍ରତିଦିନ ୨୦ ଲିଟର ଦୁଗ୍ଧ ବିକ୍ରୟ କରି ଆନନ୍ଦରେ ପରିବାର ଚଳାଉଛନ୍ତି। ନିର୍ମଳଙ୍କ ସୌଭାଗ୍ୟକୁ ତାଙ୍କର ଅଧିକାଂଶ ଗାଈ ବାଛୁରୀ ମାଈ ହୋଇଛନ୍ତି । ତେଣୁ ଏହି ୫ ବର୍ଷ ମଧ୍ୟରେ ନିର୍ମଳ ୪ ଟି ଶଙ୍କର ଜର୍ସୀ ଛଡ଼ା ବିକ୍ରୟ କରି ଭଲ ଦି'ପଇସା ରୋଜଗାର କରିଛନ୍ତି ।

କୃତ୍ରିମ ପ୍ରଜନନର ସଫଳ କାହାଣୀ ଲେଖିବସିଲେ ସରିବ ନାହିଁ ।

''ଜୟ କିଶାନ୍ ! ଜୟ ବିଜ୍ଞାନ''

## ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ଛାଗପାଳନ



ପାଟଣାଗଡ଼ରୁ ୧୩ କି.ମି. ଦୂରରେ ଅବସ୍ଥିତ ବାଞ୍ଜିଝାଲ ଗ୍ରାମ । ଶ୍ରୀଯୁକ୍ତ ଜୟଲାଲ ସାହୁ ବାଞ୍ଜିଝାଲ ଗ୍ରାମର ଏକ କ୍ଷୁଦ୍ର ଚାଷୀ ଅଟନ୍ତି । ତାଙ୍କର ଚାଷରୁ ମିଳୁଥିବା ସିମୀତ ସମ୍ବଳରୁ ପରିବାର ଭରଣପୋଷଣ ଖୁବ୍ କଷ୍ଟସାଧ ହେଉଥିଲା । ଏହି ଅସୁବିଧା ସମୟରେ ସେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା PMRY ମାଧ୍ୟମରେ ଋଣପାଇଁ ଛେଳି ପାଳନ କରିବା ଲାଗି ପାଟଣାଗଡ଼ ଷ୍ଟେଟ୍‌ବ୍ୟାଙ୍କରେ ଆବେଦନ କରିଥିଲେ । ସେ ଋଣ ପାଇବା ଲାଗି ଯୋଗ୍ୟ ବିବେଚିତ ହେବା ପରେ ପାଟଣାଗଡ଼ କନିଷ୍ଠ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ । ତାଙ୍କ ପରାମର୍ଶରେ ୨୮ଟି ଛେଳି ଓ ୨ଟି ବୋଦା ନେଇ ଟ. ୩୭,୦୦୦/ (ସଇଁତିରିଶ ହଜାର ଟଙ୍କା) ର ଏକ ପରିକଳ୍ପନା ପ୍ରସ୍ତୁତି କରାଯାଇଥିଲା । ତା ପରେ ପାଟଣାଗଡ଼ ଷ୍ଟେଟ୍‌ବ୍ୟାଙ୍କ ତାଙ୍କୁ ପ୍ରଥମେ ଛେଳି ଗୃହ ମରାମତି ବାବଦକୁ ଟ. ୨,୬୦୦/- ପ୍ରଦାନ କରିଥିଲେ । ଛେଳିଗୃହ ନିର୍ମାଣ ପରେ ଜୟଲାଲ ସାହୁ ପର୍ଯ୍ୟାୟ କ୍ରମେ ବ୍ୟାଙ୍କରୁ ଋଣ ପାଇ ୨୮ଟି ଛେଳି ଓ ଦୁଇଟି ବୋଦା କିଣିଥିଲେ । ଏହି ଋଣକୁ ୫ ବର୍ଷ ମଧ୍ୟରେ ଦଶଟି ଛମାସିଆ କିସ୍ତିରେ ପରିଶୋଧ କରିବା ଲାଗି ସେ ବ୍ୟାଙ୍କ ସହ ଚୁକ୍ତିବଦ୍ଧ ହୋଇଥିଲେ ।

ଋଣ ପ୍ରାପ୍ତ ହେବା ପରେ ସେ ପାଟଣାଗଡ଼ ପଶୁ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଛେଳି ମାନଙ୍କର ଖାଦ୍ୟପେୟ ଓ ଲାଳନପାଳନରେ ସମସ୍ତ ବ୍ୟବସ୍ଥା କରିଥିଲେ । ଏଥି ମଧ୍ୟରେ ତାଙ୍କର ଛେଳିମାନେ ଛେଳି ମଡକ (PPR) ରେ ଆକ୍ରାନ୍ତ କରିଥିଲେ । ପଶୁଡାକ୍ତର ଓ ଜୟଲାଲ ସାହୁଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ପାଞ୍ଚୋଟି ଛେଳି ମୃତ୍ୟୁବରଣ କରିଥିଲେ । କିନ୍ତୁ ଛେଳିଗୁଡିକ ବୀମାଭୁକ୍ତ ହୋଇଥିବାରୁ ସେ ମୃତ ଛେଳି ବାବଦ ସମସ୍ତ ଅର୍ଥ ବୀମା କମ୍ପାନୀରୁ ପାଇ ପାରିଥିଲେ । ଛେଳି ମଡକ (PPR) ର ଟିକା ଉଦ୍ଭାବିତ ହେବାପରେ ତାଙ୍କର ସମସ୍ତ ଛେଳି ଓ ବୋଦାମାନଙ୍କୁ ଏହି ଟିକା ପ୍ରଦାନ କରାଯାଇଥିଲା । ଜୟଲାଲ ସାହୁ ଆଦୌ ହତୋତ୍ସାହ ନହୋଇ ଛେଳି, ବୋଦା ଓ ଛୁଆମାନଙ୍କର ଉତ୍ତମ ରକ୍ଷଣାବେକ୍ଷଣ କରିଥିଲେ ।



ମାତ୍ର ତିନି ବର୍ଷ ମଧ୍ୟରେ ଜୟଲାଲ ସାହୁ ଛେଳି ଚାଷରୁ ବହୁ ଲାଭବାନ ହୋଇ ନିଜର ସମସ୍ତ ଋଣ ପରିଶୋଧ କରିପାରିଛନ୍ତି । ଏତଦ୍‌ବ୍ୟତୀତ ସେ ଛେଳି ବିକ୍ରୟ କରି ପ୍ରାୟ ଅଶୀହଜାର ଟଙ୍କା ଲାଭ କରିଛନ୍ତି । ଏହି ଟଙ୍କାରେ ସେ ନିଜର ପୁରାତନ ଗୃହର ମରାମତି ଓ ନିଜର ଭଉଣୀର ବିବାହ କାର୍ଯ୍ୟ ସମ୍ପାଦନ କରିପାରିଛନ୍ତି । ତାଙ୍କର ଆର୍ଥିକ ଦୁରାବସ୍ଥା ପ୍ରାୟତଃ ଦୂରୀଭୂତ ହୋଇପାରିଛି ।

ଏଯାବତ୍ ତାଙ୍କ ନିକଟରେ ୨୩ଟି ଛେଳି, ୨ଟି ବୋଦା ଓ ୩୫ଟି ଛୋଟ ବଡ଼ ଛେଳି ଛୁଆ ଅଛନ୍ତି । ଏବେ ସେ ନିଜ ସମ୍ବଳରେ ତାଙ୍କର ଛେଳି ପାଳନକୁ ଅଧିକ ବିସ୍ତୃତ କରିବା ଲାଗି ଯାଉଛନ୍ତି ।

ତେଣୁ ଦୃଢ଼ନିଷ୍ଠା ଓ ଗଭୀର ଆତ୍ମ ପ୍ରଚେଷ୍ଟା ମାଧ୍ୟମରେ ଜଣେ ବ୍ୟକ୍ତି ପଶୁପାଳନ କରି ଲାଭବାନ ହୋଇପାରିବେ ବୋଲି ଶ୍ରୀ ଜୟଲାଲ ସାହୁ ପ୍ରତିପାଦିତ କରିଛନ୍ତି ।

## ଅଗଲାପାଲି ଜୟଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କୁକୁଡ଼ା ପାଳନ

ବିଲାଙ୍ଗିର ଠାରୁ ପ୍ରାୟ ୨୫ କି.ମି. ଦୂର ଲୋଇସିଂହା ବ୍ଲକ୍‌ର ଅଗଲାପାଲି ଗ୍ରାମର ଆମେ ୧୪ ଜଣ ଶିକ୍ଷିତ ଯୁବକ ସରକାରୀ ଚାକିରି ପଛରେ ନ ଦୌଡ଼ି ସରକାରଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଜନାର ସୁଯୋଗ ନେଇ କୁକୁଡ଼ା ଚାଷ କରି ବର୍ତ୍ତମାନ ଆତ୍ମ ନିର୍ଭରଶୀଳ ହୋଇ ପାରିଛୁ । ବି.ଏ., ଯୁକ୍ତ ଦୁଇ, ମ୍ୟାଟ୍ରିକ୍ ପାସ୍ କରିଥିବା ଆମେ ଯୁବକ ମାନେ ଗତ ତା ୨୭.୯.୨୦୦୧ ରେ ଜୟ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଏକ ଗୋଷ୍ଠୀ ଗଠନ କରି ମା, ବାପା ଦେଇଥିବା ଖର୍ଚ୍ଚରୁ ସଞ୍ଚୟ କରି ମାସିକ ଜଣ ପିଛା ୫୦ ଟଙ୍କା ଲେଖାଏଁ ଭାଲିଆମୁଣ୍ଡା ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କରେ ଜମା କଲୁ । ଏହା ପରେ ଲୋଇସିଂହା ବ୍ଲକ୍ ସହିତ ଯୋଗାଯୋଗ କଲାପରେ ଆମ୍ଭମାନଙ୍କ କାର୍ଯ୍ୟକୁ ଦେଖି ଆମକୁ ଟ. ୧୦,୦୦୦ ଙ୍କା (ଦଶ ହଜାର ଟଙ୍କା ମାତ୍ର) ଘୂର୍ଣ୍ଣନ ପାଣ୍ଠି ଯୋଗାଇ ଦେଇଥିଲେ । ଏହାପରେ ଆମ୍ଭେ ଭାଲିଆମୁଣ୍ଡା ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ରୁ ଟ. ୨,୬୩,୦୦୦ ଙ୍କା ଋଣପାଇଥିଲୁ । ଏହି ଟଙ୍କାରେ ଆମ୍ଭେ ବ୍ରଏଲର୍ କୁକୁଡ଼ା ଚାଷ କରିଅଛୁ । କୁକୁଡ଼ା ମାନଙ୍କ ଖାଦ୍ୟ, ପାଣି, ଔଷଧ, ମଳ ସଫା କାମ ଆମେ ନିଜେ ଯୁବକ ମାନେ କରୁଅଛୁ । କୁକୁଡ଼ା ମାନଙ୍କ ଚିକିତ୍ସା ପାଇଁ ଲୋଇସିଂହା ଅତିରିକ୍ତ ପଶୁ ଚିକିତ୍ସକ ଏବଂ ଅନ୍ୟାନ୍ୟ ବିଷୟ ଉପରେ



ଭାଲିଆମୁଣ୍ଡା ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ଲୋଇସିଂହା ବ୍ଲକ୍‌ର ପ୍ରଗତୀ ସହାୟକ ଆମ୍ଭକୁ ସହଯୋଗ କରୁଛନ୍ତି । ସପ୍ତାହକୁ ୫୦୦ ଲେଖାଏଁ କୁକୁଡ଼ା ଛୁଆ ଅଣାଯାଇ ମାସକୁ ୨୦୦୦ ହଜାର କୁକୁଡ଼ା ଛୁଆ ରଖୁଅଛୁ ଏବଂ ପ୍ରତ୍ୟେକ ବ୍ୟାଚ୍‌ରେ ଟ. ୫,୦୦୦ ଙ୍କା (ପାଞ୍ଚ ହଜାର) ଟଙ୍କା ଲାଭ ହୋଇପାରୁଛି । ବର୍ତ୍ତମାନ ଆମ୍ଭେ ଆତ୍ମନିର୍ଭରଶୀଳ ହେବା ସଂଗେ ସଂଗେ ବେକାରୀ ଦୂରୀକରଣ ହୋଇପାରିଛି ।